আন্ধ্র প্রদেশ রাজ্য

বনাম

বিশ্বনদুলা চেঙ্গী বাবু আদি

(2004 র ফৌজদারী আবেদন সংখ্যা 131 আদি)

সেপ্টেম্বর 30, 2010

**[হর্জিত্ সিং বেদি এবং চন্দ্রমৌলি কুমার প্রসাদ, ন্যায়মূর্ত্তিদ্বয়]**

*অনুসূচীত জাতি এবং অনুসূচীত জনজাতি (অত্যাচার নিবারণ) নিয়মাবলী, 1995:*

*নিয়ম 7 - যাঞ্চ অধিকারী - নির্ণয় হেলা: নিয়মাবলীর স্বষ্ট আদেশকু দৃষ্টিরে রখি, কেবল জণে নির্দ্দিষ্ট উপআরক্ষী অধীক্ষক অধিনিয়ম অনুযায়ী এক অপরাধর তদন্ত করিপারিবে - সেহি পাহ্যা তলে থিবা এবং নিয়ম 7 অনুযায়ী নির্দ্দিষ্ট হোইনথিবা কৌণসি অধিকারী এপরি কৌণসি অপরাধর তদন্ত করিবাকু হকদার হেবে নাহিঁ - বর্ত্তমান মামলারে, জণে আরক্ষী সহায়ক উপ-নীরিক্ষক পাহ্যার জণে অধিকারীঙ্ক দ্বারা তদন্ত করাযাইছি - এহা অনুমতিপ্রাপ্ত নথিলা - এহি প্রসঙ্গরে উচ্চ ন্যায়ালয়ঙ্ক রায়কু কাএম রখাযাইথিলা - তদন্ত ।*

ফৌজদারী আবেদন ক্ষেত্রাধিকারিতা:ফৌজদারী আবেদন সংখ্যা 131/2004 ।

ফৌজদারী আবেদন সংখ্যা 1016/1996 রে হাইদ্রাবাদস্থিত আন্ধ্র প্রদেশ উচ্চ ন্যায়ালয়র 24.7.2002 তারিখর রায় এবং আদেশরু ।

আবেদনকারী পাইঁ আই. ভেঙ্কট নারায়ণ, ডি. মহেশ বাবু এবং ডি. ভারতী রেড্ডী ।

উত্তরদাতাঙ্ক পাইঁ লীলা সর্বেশ্বর এবং ভি. এন্. রঘুপতি ।

ন্যায়ালয়ঙ্কর নিম্নলিখিত আদেশ প্রদান করাযাইথিলা

**ଆଦେଶ**

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଛୁ ।

ଆନ୍ଧ୍ରପ୍ରଦେଶ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ, 1989 ଅଧୀନରେ ପ୍ରଣୀତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ନିୟମାବଳୀ, 1995ର ନିୟମ 7 ନିମ୍ନରେ ଦିଆଗଲା:

"7. ତଦନ୍ତକାରୀ ଅଧିକାରୀ (1) ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା ଅପରାଧର ତଦନ୍ତ ଉପଆରକ୍ଷୀ ଅଧୀକ୍ଷକ ପାହ୍ୟାରୁ କମ ନଥିବା ଜଣେ ଆରକ୍ଷୀ ଅଧିକାରୀଙ୍କ ଦ୍ୱାରା କରାଯିବ । ମାମଲାର ପ୍ରଭାବକୁ ବୁଝିବା ଏବଂ ଯଥାସମ୍ଭବ କମ୍ ସମୟ ମଧ୍ୟରେ ସଠିକ୍ ଦିଗ ସହିତ ଏହାର ତଦନ୍ତ କରିବା ପାଇଁ ଅତୀତ ଅଭିଜ୍ଞତା, ଦକ୍ଷତା ଏବଂ ନ୍ୟାୟ ଭାବନାକୁ ଧ୍ୟାନରେ ରଖି ରାଜ୍ୟ ସରକାର/ପୋଲିସ ମହାନିର୍ଦ୍ଦେଶକ/ପୋଲିସ ଅଧୀକ୍ଷକଙ୍କ ଦ୍ୱାରା ତଦନ୍ତକାରୀ ଅଧିକାରୀଙ୍କୁ ନିଯୁକ୍ତ କରାଯିବ ।

(2) ଉପନିୟମ (1) ଅନୁଯାୟୀ ନିଯୁକ୍ତ ତଦନ୍ତକାରୀ ଅଧିକାରୀ ତିରିଶ ଦିନ ମଧ୍ୟରେ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ ତଦନ୍ତ ଶେଷ କରିବେ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ବିବରଣୀ ଦାଖଲ କରିବେ, ଯିଏ ତୁରନ୍ତ ରାଜ୍ୟ ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକଙ୍କୁ ବିବରଣୀ ପଠାଇବେ ।

(3) ରାଜ୍ୟ ସରକାରଙ୍କ ଗୃହ ସଚିବ ଏବଂ ସମାଜ କଲ୍ୟାଣ ସଚିବ, ଅଭିଯୋଜନା ନିର୍ଦ୍ଦେଶକ, ଅଭିଯୋଜନା ଦାୟିତ୍ୱରେ ଥିବା ଅଧିକାରୀ ଏବଂ ପୋଲିସ ମହାନିର୍ଦ୍ଦେଶକ ପ୍ରତ୍ୟେକ ତ୍ରୈମାସିକ ଶେଷ ସୁଦ୍ଧା ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଅନୁସନ୍ଧାନର ସ୍ଥିତି ସମୀକ୍ଷା କରିବେ ।"

ନିୟମକୁ ସରଳ ଭାବରେ ଅନୁଶୀଳନ କଲେ ଜଣାପଡ଼େ ଯେ ରାଜ୍ୟ ସରକାର/ପୋଲିସ ମହାନିର୍ଦ୍ଦେଶକ/ଆରକ୍ଷୀ ଅଧିକ୍ଷକ ଜଣେ ଉପ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଜ୍ଞତା ଇତ୍ୟାଦିକୁ ବିଚାରକୁ ନେଇ ତାଙ୍କୁ ଉପରୋକ୍ତ ଅଧିନିୟମ ଅନୁଯାୟୀ ମାମଲାଗୁଡ଼ିକରେ ତଦନ୍ତକାରୀ ଅଧିକାରୀ ଭାବରେ ନିଯୁକ୍ତ କରିବେ । ଉପନିୟମ (3) ଆହୁରି ମଧ୍ୟ ବ୍ୟବସ୍ଥା କରେ ଯେ ସରକାରଙ୍କ ଗୃହ ସଚିବ ଏବଂ ସମାଜ କଲ୍ୟାଣ ସଚିବ ଏବଂ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ପ୍ରତି ତ୍ରୈମାସର ଶେଷରେ

ଉପଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟ ଏବଂ ତାଙ୍କ ଦ୍ୱାରା କରାଯାଇଥିବା ଅନୁସନ୍ଧାନର ସମୀକ୍ଷା କରିବେ । ତେଣୁ ଏହା ସ୍ୱଷ୍ଟ ଯେ ତଦନ୍ତ କରିବାର ଅଧିକାର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ପ୍ରଦାନ କରିବାକୁ ପଡିବ ଯାହା ଉପଆରକ୍ଷୀ ଅଧୀକ୍ଷକ ପାହ୍ୟା ଠାରୁ କମ୍ ନୁହେଁ ।

ତେଣୁ, ଆମର ମତ ହେଉଛି ଯେ ନିୟମାବଳୀର ସ୍ୱଷ୍ଟ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, କେବଳ ଜଣେ ନିର୍ଦ୍ଦିଷ୍ଟ ଉପଆରକ୍ଷୀ ଅଧୀକ୍ଷକ ଅଧିନିୟମ ଅନୁଯାୟୀ ଅପରାଧର ତଦନ୍ତ କରିପାରିବେ । ନିୟମ 7 ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇନଥିବା ଏବଂ ସେହି ପାହ୍ୟାଠାରୁ କମ୍ ପଦବୀରେ ଥିବା କୌଣସି ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତ ଏପରି କୌଣସି ଅପରାଧର ତଦନ୍ତ କରିବାର ଅଧିକାର ପାଇବେ ନାହିଁ । ବର୍ତ୍ତମାନର ମାମଲାରେ ଜଣେ ସହାୟକ ଆରକ୍ଷୀ ଉପ ନୀରିକ୍ଷକ ପାହ୍ୟାର ପୋଲିସ ଅଧିକାରୀ ତଦନ୍ତ କରିଛନ୍ତି । ଏହା ଅନୁମତିପ୍ରାପ୍ତ ନଥିଲା । ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆମେ ସମର୍ଥନ କରୁଛୁ ।

ଏହି ଆବେଦନଗୁଡ଼ିକୁ ଖାରଜ କରିଦିଆଯାଇଛି ।

ଆର୍.ପି. ଆବେଦନଗୁଡିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।